# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଜ୍ଞାନ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୭୨/୨୦୨୬** **ସପ୍ତାହ-୩୬** **ମଙ୍ଗଳବାର, ତାରିଖ-୦୮.୦୯.୨୦୨୬**

### ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୯୩୩.୬/୫୨ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୧୦.୪/୦୧ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୧.୭ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୩.୯ |

### କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| **କଳାହାଣ୍ଡି** | ୦୯-୦୯-୨୦୨୬ | ୫ | ୩୫ | ୨୫ | ୪ | ୯୧ | ୬୧ | ୮ | ୨୩୧ |
| | ୧୦-୦୯-୨୦୨୬ | ୫ | ୩୪ | ୨୫ | ୪ | ୯୪ | ୬୨ | ୭ | ୨୩୬ |
| | ୧୧-୦୯-୨୦୨୬ | ୧୦ | ୩୪ | ୨୪ | ୫ | ୯୪ | ୬୪ | ୪ | ୨୪୮ |
| | ୧୨-୦୯-୨୦୨୬ | ୨୦ | ୩୪ | ୨୪ | ୬ | ୯୩ | ୭୦ | ୩ | ୨୮୪ |
| | ୧୩-୦୯-୨୦୨୬ | ୧୫ | ୩୩ | ୨୪ | ୬ | ୯୪ | ୭୦ | ୩ | ୮୩ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ବର୍ଷା (୫ ରୁ ୨୦ ମିମି/ଦିନ) ହେବାର ସମ୍ଭାବନା ରହିଛି ଏବଂ ୧୧ ତାରିଖ ଠାରୁ ବର୍ଷା ର ପରିମାଣ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଆସନ୍ତା ଦୁଇ ଦିନରେ ଆକାଶ ଆଂଶିକ ମେଘୁଆ ଏବଂ ପରବର୍ତ୍ତୀ ଦିନ ଗୁଡ଼ିକରେ ସାଧାରଣତଃ ମେଘୁଆ ରହିବା ସହିତ ଦକ୍ଷିଣ-ପଶ୍ଚିମ ରୁ ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୩ ରୁ ୮ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୩ ରୁ ୩୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୪ ରୁ ୨୫ ଡିଗ୍ରୀ ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୧ ରୁ ୯୪ ପ୍ରତିଶତ ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୧ ରୁ ୭୦ ପ୍ରତିଶତ ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି ।

**ବର୍ତ୍ତମାନର ପାଣିପାଗ ସ୍ଥିତି: ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଆଖପାଖ ସହ ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର (Low Pressure Area) ସୃଷ୍ଟି ହେବାର ସମ୍ଭାବନା ରହିଛି।**

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ଘଣ୍ଟାପ୍ରତି ୪୦ କି.ମି ବେଗରେ ଝଟକା ପବନ ବହିବାର ସମ୍ଭାବନା (୧୦.୦୯.୨୦୨୬ ସକାଳ ୦୮:୩୦ ରୁ ୧୩.୦୯.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ)। ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଅଧିକ ସମ୍ଭାବନା ରହିଛି (୧୧.୦୯.୨୦୨୬ ସକାଳ ୦୮:୩୦ ରୁ ୧୨.୦୯.୨୦୨୬ ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ ।**

### କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

**ସାଧାରଣ ପରାମର୍ଶ**

- ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଯୋଗୁଁ ସେପ୍ଟେମ୍ବର ୧୧ ତାରିଖରୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବୃଷ୍ଟିପାତ ହୋଇପାରେ। ଚାଷୀଭାଇମାନେ ଦୈନନ୍ଦିନ ପାଣିପାଗ ପୂର୍ବାନୁମାନ ଏବଂ ସତର୍କ ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।
- ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୧୧ ତାରିଖରୁ ପାଗ ଶୁଖିଲା ନ ହେବା ପର୍ଯ୍ୟନ୍ତ ସାର ପ୍ରୟୋଗ ଏବଂ ଜୀବନାଶକ ଔଷଧ ସିଞ୍ଚନକୁ ସ୍ଥଗିତ ରଖନ୍ତୁ। ଏହି ସମୟ ମଧ୍ୟରେ ଜମିରେ ଜଳସେଚନ କରିବାରୁ ନିବୃତ୍ତ ରୁହନ୍ତୁ।
- ଫସଲ ର ସୁରକ୍ଷା ଜନିତ ପ୍ରତିଷେଧକ ନିମନ୍ତେ ସର୍ବଦା ସମନ୍ୱିତ ଉପାୟ ତଥା ଜୈବିକ ଉପାୟ ଅବଲମ୍ବନ କରନ୍ତୁ। ମାତ୍ରାଧିକ କୀଟନାଶକ ପ୍ରୟୋଗ କୀଟ ମାନଙ୍କର ପ୍ରତିରୋଧ କ୍ଷମତା କୁ ବଢ଼ାଇ ଦେଇଥାଏ । ତେଣୁ କୀଟନାଶକ କୁ ସବୁବେଳେ ଅଦଳ ବଦଳ କରି ଅଥବା ମିଶ୍ରିତ କୀଟନାଶକ ବ୍ୟବହାର କରନ୍ତୁ।
- ଶୋଷକ କୀଟ ମାନଙ୍କର (ଜଉ, ପତ୍ରଡିଆଁ, ଦହିଆ ଓ ଧଳାମାଛି) ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠାଲାଗିଥିବା ହଳଦିଆ ଯନ୍ତା ଓ ଉକୁଣିଆ ପୋକର ପରିଚାଳନା ପାଇଁ ଏକର ପିଛା ୮ଟି ଅଠାଳିଆ ନୀଳ ଯନ୍ତା କୁ ଜମିରେ ଲଗାନ୍ତୁ ।
- ପନିପରିବା ଚାଷରେ ଶୋଷକ କୀଟ,ଫଳ ମାଛି ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକ ର ପରିଚାଳନା ନିମନ୍ତେ ଚାଷୀଭାଇ ମାନେ ଏକର ପିଛା ୮ ଟି ଫେରୋମୋନ ଯନ୍ତା ଲଗାନ୍ତୁ।

| ସଂକ୍ଷିପ୍ତ ବାର୍ତା | ▪ ଧାନ ଫସଲରେ ଗଣ୍ଡିପୋକ ଏବଂ ପତ୍ରମୋଡ଼ା ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ପ୍ରତି ଏକର ଜମିରେ ୮ ଟି ଫେରୋମୋନ୍ ଜନ୍ତା ଏବଂ ୧ ଟି ଆଲୋକ ଜନ୍ତା ଲଗାନ୍ତୁ, ଏବଂ ପ୍ରତି ତିନି ସପ୍ତାହରେ ଫେରୋମୋନ୍ ଲୁରକୁ ବଦଳାନ୍ତୁ। |
|---|---|

**ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ**

| ଫସଲ ର ନାମ | ଫସଲ ଅବସ୍ଥା | ପରାମର୍ଶ |
|---|---|---|
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ପିଲ ଅବସ୍ଥା** | **ରୋଗ ଓ ପୋକ ପରିଚାଳନା :** ଚାଷୀ ଭାଇ ମାନେ ଧାନରେ ଲାଗୁଥିବା ବିଭିନ୍ନ ରୋଗ କୁ ଜୈବିକ ଉପାୟରେ ପ୍ରତିରୋଧ କରିବା ପାଇଁ ପ୍ରତି ଏକ ଲିଟର ପାଣିରେ ୨୫ ଗ୍ରାମ ବେଲପତ୍ରର ରସ କିମ୍ବା ୨୫ ଗ୍ରାମ ତୁଳସୀ ପତ୍ରର ରସ କିମ୍ବା ୨୦୦ ଗ୍ରାମ ନିମ୍ବ ପତ୍ରର ରସ କୁ ମିଶ୍ରଣ କରି ଶୁଖିଲା ପାଗରେ ଫସଲରେ ସିଞ୍ଚନ କରନ୍ତୁ। ଏହା ଛଡ଼ା ନିମ୍ବ ଆଧାରିତ କୀଟନାଶକ ମଧ୍ୟ ପ୍ରୟୋଗ କରି ପାରିବେ ।<br>▪ ବର୍ତ୍ତମାନର ମେଘୁଆ ପାଗ ଯୋଗୁଁ ଇଥିବା ଧାନ ଫସଲରେ ପତ୍ରମୋଡ଼ା ଏବଂ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଦେବାର ସମ୍ଭାବନା ଅଛି। କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ଗୋଟିଏ ଆଲୋକ ଯନ୍ତା (ଲାଇଟ ଟ୍ରାପ) ଓ ୮ ଟି ସଙ୍ଗ ଆକର୍ଷକ ଯନ୍ତା (ଫେରୋମୋନ୍ ଟ୍ରାପ) ବ୍ୟବହାର କରନ୍ତୁ । ୩ ସପ୍ତାହ ପରେ ଫେରୋମୋନ୍ ଟ୍ରାପ ରେ ଥିବା ଲିଓର କୁ ବଦଳାଇ ଦିଅନ୍ତୁ । କାଣ୍ଡବିନ୍ଧା ପୋକ ପ୍ରାଦୁର୍ଭାବ ର ସମ୍ଭାବନା ଅଧିକ ଥିଲେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀ ର ଅଣ୍ଡା ଏକର ପ୍ରତି ୬୦୦୦୦ ଅଣ୍ଡା (୩ ଟି ଟ୍ରାଇକୋକାର୍ଡ ପ୍ରତି ଏକର) ବ୍ୟବହାର କରନ୍ତୁ।<br>▪ **ରୁଆ ଧାନ :**<br>**ଖାଦ୍ୟସାର ପରିଚାଳନା :** ପ୍ରଥମ ଦଫା ସାର ହିସାବରେ ଢିପ ଜମି କ୍ଷେତ୍ରରେ ଏକର ପ୍ରତି ୨୦ କି.ଗ୍ରା. ୟୁରିଆ ଏବଂ ମଧ୍ୟମ ଓ ଖାଲୁଅ ଜମି କ୍ଷେତ୍ରରେ ଏକର ପ୍ରତି ୨୮ କି.ଗ୍ରା. ୟୁରିଆ ସାର ପିଲ ବାହାରିବା ସମୟରେ (ରୋଇବାର ୨୧ ରୁ ୨୫ ଦିନ ମଧ୍ୟରେ) ପ୍ରୟୋଗ କରନ୍ତୁ ।<br>**ଘାସ ପରିଚାଳନା :** ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ-<br>▪ ଧାନ ରୋଇବାର ୨୫ ରୁ ୩୦ ଦିନ ମଧ୍ୟରେ ଶାନ୍ତ/ପାଗ ଶୁଖିଲା ଥିବା ସମୟରେ ଏକର ପ୍ରତି ୨୪୦-୨୬୦ ମିଲିଲିଟର ଫେନୋକ୍ସାପ୍ରପ୍-ପି-ଇଥାଇଲ୍ ୧୦% ଇ.ସି. କୁ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। |
| **କପା** | **ଫୁଲ ରୁ ବକରା ବିକଶିତ ଅବସ୍ଥା** | ▪ ଘାସ ସହ ପ୍ରତିଯୋଗିତା କମାଇବା ଏବଂ ଫସଲର ସୁସ୍ଥ ବୃଦ୍ଧି ପାଇଁ ନିର୍ମଳ/ଶୁଖିଲା ପାଗ ଥିବା ସମୟରେ କୋଡ଼ାଖୋସା, ଘାସ ବାଛିବା ଏବଂ ହୁଡ଼ା ଟେକା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ।<br>▪ ଘାସ ନିୟନ୍ତ୍ରଣ ପାଇଁ ପ୍ରତି ୧୦ ଲିଟର ପାଣିରେ ୫୦ ମିଲିଲିଟର ଗ୍ଲୁଫୋସିନେଟ୍ ଆମୋନିୟମ୍ ୧୩.୫% ମିଶାଇ, ମୁଖ୍ୟ ଫସଲକୁ ସୁରକ୍ଷିତ ରଖିବା ପାଇଁ ହୁଡ୍ ବ୍ୟବହାର କରି କେବଳ ଘାସ ଉପରେ ସିଞ୍ଚନ କରନ୍ତୁ।<br>▪ ଜଳବନ୍ଦୀ ଅଞ୍ଚଳରେ ଫସଲର ପତ୍ର ଲାଲିପଡ଼ିବା ସମସ୍ୟା କମାଇବା ପାଇଁ ୧୦ ଲିଟର ପାଣିରେ ୧୦୦ ଗ୍ରାମ୍ ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍ ଏବଂ ୧୦୦ ଗ୍ରାମ୍ ୟୁରିଆ ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>▪ ଅମଳ ବୃଦ୍ଧି ପାଇଁ ୭ ମି.ଲି. ପ୍ଲାନୋଫିକ୍ସ ହରମୋନ୍ କୁ ପ୍ରତି ୧୫ ଲିଟର ପାଣିରେ ମିଶ୍ରଣ କରି ଲଗାଇବାର ୬୦-୬୫ ଦିନ ମଧ୍ୟରେ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ ।<br>**ଖାଦ୍ୟସାର ପରିଚାଳନା :** କପା ଲଗାଇବାର ୫୫ ରୁ ୬୫ ଦିନ ମଧ୍ୟରେ ଶଙ୍କର (ହାଇବ୍ରିଡ) କିସମ କ୍ଷେତ୍ରରେ ଏକର ପିଛା ୨୦ କିଲୋଗ୍ରାମ ୟୁରିଆ ଏବଂ ଅଧିକ ଅମଳକ୍ଷମ କିସମ କ୍ଷେତ୍ରରେ ଏକର ପିଛା ୧୫ କିଲୋଗ୍ରାମ ୟୁରିଆ ଶୁଖିଲା ପାଗରେ ପ୍ରୟୋଗ କରନ୍ତୁ । |
| **ହରଡ଼** | **ଅଙ୍ଗୀୟ ଅବସ୍ଥା** | ▪ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ<br>**ରୋଗ ଓ ପୋକ ପରିଚାଳନା:**<br>▪ **ପତ୍ର ଛନ୍ଦା ପୋକ:** ବର୍ତମାନ ଅବସ୍ଥାରେ ଏହି ପୋକର ପ୍ରାଦୁର୍ଭାବ ଦେଖା ଦେଇଥାଏ। ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ କ୍ଲୋରୋପାଇରିଫୋସ ୫୦% ଇ.ସି + ସାଇପରମେଥ୍ରୀନ୍ ୫ % ଇ.ସି କିମ୍ବା ପ୍ରୋପେନୋଫୋସ ୫୦% ଇ.ସି ୨ ମି.ଲି ହିସାବରେ ମିଶ୍ରଣ କରି ଶୁଖିଲା ପାଗରେ ସିଂଚନ କରନ୍ତୁ<br>▪ ବର୍ଷା ଛାଡ଼ିଗଲା ପରେ ଝାଉଁଳା ରୋଗ ଦେଖା ଦେଇପାରେ। ତେଣୁ ଲକ୍ଷଣ ଦେଖାଦେଲେ ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୧.୫ ଗ୍ରାମ ମେଟିରାମ୍ ୭୫% ଡବ୍ଲ୍ୟୁ.ଜି କୁ ମିଶ୍ରଣ କରି ଗଛ ମୂଳରେ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |

| ଉଦ୍ୟାନ କୃଷି | | |
|---|---|---|
| **ଲଙ୍କା** | **ଅଙ୍ଗୀୟ ରୁ ଫଳ ଅବସ୍ଥା** | ▪ ବର୍ତ୍ତମାନ ପାଗରେ, ବର୍ଷା ଛିଟା ଯୋଗୁଁ ଫଳସଢ଼ା ରୋଗର ସମ୍ଭାବନା ଦେଖାଯାଇଥାଏ । ପ୍ରତିକାର ପାଇଁ ଏକ ଲିଟର ପାଣିରେ ଆଜୋକ୍ସିଷ୍ଟ୍ରୋବିନ୍ ୮.୩% + ମଙ୍କୋଜେବ ୬୬.୭% ଡବ୍ଲୁ.ଜି ୩ ଗ୍ରାମ୍ କିମ୍ବା ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁ.ଜି ୦.୫ ଗ୍ରା. ହିସାବରେ ମିଶ୍ରଣ କରି ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| **ପିଜୁଳି** | **ଫୁଲ ରୁ ଫଳ ଅବସ୍ଥା** | ▪ ଅଳ୍ପ ଅଳ୍ପ ବର୍ଷା ପରେ ପିଜୁଳି ରେ ଚା' ମଶା ପୋକ (Tea mosquito bug) ର ଆକ୍ରମଣ ଏବଂ ପିଜୁଳି କ୍ୟାଙ୍କର / କ୍ଷତ (Guava canker) ରୋଗ ଦେଖାଦେବାର ସମ୍ଭାବନା ରହିଛି। ପିଜୁଳି ରେ ଚା' ମଶା ପୋକ (Tea mosquito bug) ର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୧ ମିଲିଲିଟର ଲ୍ୟାମ୍ବଡା-ସାଇହାଲୋଥ୍ରିନ୍ ୫% ଇ.ସି. (Lambda-cyhalothrin 5% EC) ଏବଂ ପିଜୁଳି କ୍ୟାଙ୍କର / କ୍ଷତ (Guava canker) ରୋଗ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମ୍ୟାଙ୍କୋଜେବ୍ ୭୫% ଡବ୍ଲୁ.ପି. (Mancozeb 75% WP) ମିଶାଇ ଶୁଖିଲା ପାଗରେ ସିଞ୍ଚନ କରନ୍ତୁ। |
| ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ | | |
| **ଗାଈ ଓ ମଇଁଷି** | | ▪ ବର୍ଷା ଦିନେ ଗାଈ ଏବଂ ମଇଁଷି ମାନଙ୍କୁ ଓଦା ହେବାରୁ ରୋକିବା ଏବଂ ଖୁରା ସଂକ୍ରମଣରୁ ରକ୍ଷା କରିବା ପାଇଁ ସେମାନଙ୍କୁ ସୁରକ୍ଷିତ ଏବଂ ଶୁଖିଲା ଆଶ୍ରୟସ୍ଥଳରେ ରଖନ୍ତୁ। ଗୋରୁମାନଙ୍କୁ, ବିଶେଷ କରି ବାଛୁରୀମାନଙ୍କୁ କୃମିନାଶକ ଔଷଧ ଦିଅନ୍ତୁ ଏବଂ ଆବଶ୍ୟକତା ଅନୁସାରେ ସମୟପୋଯୋଗୀ ଟିକାକରଣ କରାନ୍ତୁ। ଖୁରା ପଚା (Foot rot) ଏବଂ ଥନହରା (Mastitis) ଭଳି ରୋଗର ଆଶଙ୍କା କମାଇବା ପାଇଁ ଗୋଶାଳାରେ ଶୁଖିଲା ଶଯ୍ୟାର ବ୍ୟବସ୍ଥା କରନ୍ତୁ ଏବଂ ପଶୁମାନଙ୍କୁ ପାଣି ଜମିଥିବା ଚରଣ ଭୂମିକୁ ଛାଡ଼ନ୍ତୁ ନାହିଁ। |
| **ଛେଳି ଓ ମେଣ୍ଢା** | | ▪ ମୌସୁମୀ ଜନିତ ଆକସ୍ମିକ ବର୍ଷା ପ୍ରାଦୁର୍ଭାବରୁ ରକ୍ଷ୍ୟା କରିବାକୁ ଚେଷ୍ଟା କରନ୍ତୁ । ଗୁହାଳ କୁ ଯଥା ସମ୍ଭବ ଶୁଖିଲା ରଖନ୍ତୁ ଏବଂ ଗୁହାଳ ମଧ୍ୟରେ ଅତ୍ୟଧିକ ସଂଖ୍ୟାରେ ଛେଳି କିମ୍ବା ମେଣ୍ଢାଙ୍କୁ ରଖନ୍ତୁ ନାହିଁ । |
| **କୁକୁଡ଼ା** | | ▪ ସରୀସୃପ ମାନେ ବର୍ଷାଦିନେ କୁକୁଡ଼ା ଘର ମଧ୍ୟକୁ ପ୍ରବେଶ କରିବାର ଅଧିକ ସମ୍ଭାବନା ଥିବାରୁ, ଚାଷୀ ମାନେ ଏହିପ୍ରତି ଯତ୍ନବାନ ରହିବା ଉଚିତ । |

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**